୨୫/୧/୨୦୦୨



# ସୂଚନା ପ୍ରାପ୍ତିର ଅଧିକାର ଆଇନ୍- ଓଡିଶାରେ ବିଳମ୍ବ କାହିଁକି ?

## ଆନ୍ତର୍ଜାତିକ ପୃଷ୍ଠଭୂମି :

ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ନାଗରିକ ମାନଙ୍କୁ ଜାଣିବାର ଅଧିକାର ପ୍ରଦାନ କରିବା ରାଷ୍ଟ୍ରର ଯେ ଏକ ମୌଳିକ କର୍ତ୍ତବ୍ୟ ତାହା ନୁହେଁ, ଗଣତନ୍ତ୍ର ଅର୍ଥାତ୍ ଲୋକମାନଙ୍କ ଦ୍ୱାରା, ଲୋକମାନଙ୍କ ପାଇଁ ଓ ଲୋକମାନଙ୍କର ଶାସନର ସଫଳତା ପାଇଁ ସାର୍ବଜନୀନ ଭୋଟ୍ ଅଧିକାର ଭଳି ନାଗରିକ ମାନଙ୍କର ଜାଣିବାର ଅଧିକାର ଆଇନ୍‌ଗତ ଦୃଷ୍ଟିରୁ ନହେଲେ ମଧ୍ୟ ତାତ୍ତ୍ୱିକ ଓ ବ୍ୟବାହାରିକ ଦୃଷ୍ଟିରୁ ବହୁ କାଳରୁ ସ୍ୱୀକୃତ ହୋଇଆସୁଛି । ଏହି କାରଣରୁ ସୁଏଡେନ୍ ଭଳି ଏକ କ୍ଷୁଦ୍ର ଦେଶରେ ୨୨୫ ପୂର୍ବେ ୧୭୭୬ ମସିହାରେ ନାଗରିକ ମାନଙ୍କୁ ସରକାରୀ ତଥ୍ୟ ଜାଣିବାର ଅଧିକାର ଆଇନ୍ ପ୍ରବର୍ତ୍ତନ ହୋଇଥିଲା, ଯାହାକି, ଆଧୁନିକ ବିଶ୍ୱରେ ପ୍ରଥମ ।

ଏହା ପରେ ୧୯୬୮ ମସିହାରେ ଏଳାବେଳେ ଯୁକ୍ତରାଷ୍ଟ୍ର ଆମେରିକା, କାନାଡା, ଅଷ୍ଟ୍ରେଲିଆ ଓ ନିଉଜିଲ୍ୟାଣ୍ଡ୍ ରେ ସୂଚନାର ସ୍ୱାଧିନତା ଆଇନ୍ ଚାଲୁ ହୋଇଥିଲା । ଲୋକମାନଙ୍କର ଜାଣିବାର ଅଧିକାରକୁ ବହୁ ପୂର୍ବରୁ ଆଇନ୍‌ରେ ପରିଣତ କରାହୋଇ ସାରିଛି । ଇଂଲଣ୍ଡ ଭଳି ଆଉ କେତେକ ଉନ୍ନତ ରାଷ୍ଟ୍ର ଯେଉଁଠି ଗଣତନ୍ତ୍ରର ପରମ୍ପରା ସୁପ୍ରାଚୀନ ଓ ଶକ୍ତିଶାଳୀ ସେଠାରେ ସୂଚନାର ଅଧିକାରକୁ ପ୍ରତ୍ୟକ୍ଷ ଭାବେ ଆଇନ୍‌ରେ ପରିଣତ କରାହୋଇନଥିଲେ ହେଁ, ବ୍ୟାବାହାରିକ ଦୃଷ୍ଟିରୁ ସୂଚନାର ସ୍ୱାଧୀନ ସରବରାହ ଉଭୟ ପ୍ରଶାସନ ଓ ନାଗରିକ ମାନଙ୍କର ଦୈନନ୍ଦିନ ଜୀବନରେ ବହୁକାଳରୁ ସ୍ୱାଭାବିକ ଢଙ୍ଗରେ ଆଚରିତ ହୋଇ ଆସୁଛି ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୧୯୪୬ ମସିହାରେ ନବଗଠିତ ମିଳିତ ଜାତିସଂଘର ସାଧାରଣ ସଭାର ପ୍ରଥମ ଅଧିବଶେନରେ ଗୃହୀତ ପ୍ରସ୍ତାବ ନଂ.୫୯(୧) ରେ ଘୋଷଣା କରାଯାଇଥିଲା ଯେ, ସୂଚନାର ସ୍ୱାଧିନତା ଏକ ମୌଳିକ ମାନବୀୟ ଅଧିକାର ଏବଂ ମିଳିତ ଜାତିସଂଘ ଦ୍ୱାରା ସ୍ୱୀକୃତ ଅନ୍ୟାନ୍ୟ ସମସ୍ତ ସ୍ୱାଧିନତାରେ କଷଟି ପଥର । ସେବେଠାରୁ ମିଳିତ ଜାତିସଂଘ ଓ ଏହାର ବିବିଧ ସଂସ୍ଥା ସମୂହ ବିଶ୍ୱର ବିଭିନ୍ନ ରାଷ୍ଟ୍ରଗୁଡିକରେ ସୂଚନାର ସ୍ୱାଧିନତାର ପ୍ରସାରଣ ପାଇଁ ନିରବଚ୍ଛିନ୍ନ ଭାବେ ଚେଷ୍ଟା କରି ଆସୁଛନ୍ତି ।

ମତ ପୋଷଣ ଓ ପ୍ରକାଶ କରିବାର ସ୍ୱାଧିନତା ବ୍ୟାପାରକୁ ଅନୁଧ୍ୟାନ କରୁଥିବା ମିଳିତ ଜାତିସଂଘ ଅନ୍ତର୍ଗତ ମାନବିକ ଅଧିକାର କମିଶନର ସ୍ୱତନ୍ତ୍ର ସଂଯୋଜକ ଶ୍ରୀ ଅବିଦ୍ ହୁସେନ୍ ତାଙ୍କର ୧୯୯୫ ମସିହା ବିବରଣୀରେ କହିଛନ୍ତି ଯେ, ଲୋକମାନେ ତଥ୍ୟ ଜାଣିବାର ଅଧିକାରରୁ ବଞ୍ଚିତ ହେଲେ ସ୍ୱାଧିନତା କାର୍ଯ୍ୟତଃ ନିରର୍ଥକ ହୋଇପଡିବ । ଗଣତାନ୍ତ୍ରିକ ଜୀବନଧାରା ପାଇଁ ତଥ୍ୟ ଜାଣିବାର ଅଧିକାର ଏକ ମୌଳିକ ଆବଶ୍ୟକ । ସୁତରାଂ, ଲୋକମାନଙ୍କଠାରୁ ତଥ୍ୟକୁ ଗୋପନୀୟ ରଖିବାର ସମସ୍ତ ପ୍ରବଣତାକୁ ପ୍ରତିରୋଧ କରାଯିବା ଜରୁରୀ ।

୧୯୯୯ ମାର୍ଚ୍ଚରେ ମିଳିତ ରାଜ୍ୟଗୋଷ୍ଠୀ (କମନ୍ ଓଏଲ୍‌ଥ୍) ର ସଚିବାଳୟ ସୂଚନାର ସ୍ୱାଧିନତା ସମ୍ବନ୍ଧରେ ଏକ ବିଶେଷଜ୍ଞ ସ୍ତରୀୟ ବୈଠକ ଡକାଇ ସବିଶେଷ ଆଲୋଚନା ପରେ ଏକ ବୃତାନ୍ତ ଦଲିଲ୍ ଘୋଷଣା କରିଥିଲେ, ଯେଉଁଥିରେ କୁହାଯାଇଥିଲା ଯେ , ସୂଚନାର ସ୍ୱାଧିନତାକୁ ଏକ ଆଇନାନୁମୋଦିତ ଓ ଦାବୀସାପେକ୍ଷ ଅଧିକାର ରୂପେ ସ୍ୱୀକୃତି ଦିଆଯିବା ଦରକାର । ରାଷ୍ଟ୍ରର ପ୍ରଶାସନିକ, ବୈଧାୟିକ ଓ ନ୍ୟାୟିକ ସଂସ୍ଥାଦ୍ୱାରା ତଥା ତଥା ସରକାର ପରିଚାଳିତ କର୍ପୋରେସନ୍ ବା ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଅନ୍ୟାନ୍ୟ ସଂସ୍ଥା ନିକଟରେ ଉପଲବ୍ଧ ତଥ୍ୟକୁ ଜାଣିବାର ଅଧିକାର ନାଗରିକମାନଙ୍କର ରହିଛି । ଏହାପରେ ୧୯୯୯ ମେ ରେ ଅନୁଷ୍ଠିତ ମିଳିତ ରାଜ୍ୟଗୋଷ୍ଠୀର ଆଇନ୍ ମନ୍ତ୍ରୀ ସମ୍ମିଳନୀ ଓ ନଭେମ୍ବର ୧୯୯୯ରେ ଅନୁଷ୍ଠିତ ରଷ୍ଟ୍ରମୁଖ୍ୟ ସମ୍ମିଳନୀରେ ଉପରୋକ୍ତ ମର୍ମରେ ପ୍ରସ୍ତାବ ଗୃହୀତ ହୋଇଯାଇଛି ।

କେବଳ ଉନ୍ନତ ଦେଶଗୁଡିକ ନୁହେଁ, ଇତିମଧ୍ୟରେ ବହୁ ବିକାଶଶୀଳ ଦେଶମାନଙ୍କରେ ତଥ୍ୟ ଜାଣିବାର ଅଧିକାର କେଉଁଠିଏକ ସାମ୍ବିଧାନିକ ଅଧିକାର ବା ଆଉ କେଉଁଠି ଏକ ସ୍ୱତନ୍ତ୍ର ଆଇନ୍‌ରେ ପରିଣତ ହୋଇସାରିଛି ।

ଫିଲିପାଇନ୍ସ ୧୯୮୭, ବ୍ରାଜିଲ୍ ୧୯୮୮, ଦକ୍ଷିଣ କୋରିଆ ୧୯୮୯, କଲମ୍ବିଆ ୧୯୯୧, ଥାଇଲାଣ୍ଡ ୧୯୯୧, ୟୁକ୍ରେନ୍ ୧୯୯୨, ଆର୍ଜେଣ୍ଟାଇନା ୧୯୯୪, ବେଲଜିୟମ୍ ୧୯୯୪, ହଙ୍ଗକଙ୍ଗ୍ ୧୯୯୫, ପେରୁ ୧୯୯୫, ଦକ୍ଷିଣ ଆଫ୍ରିକା ୧୯୯୬, ଲିଥୁଆନିଆ ୧୯୯୬, ଆଇସ୍ଲାଣ୍ଡ ୧୯୯୬, ଲାଟ୍‌ଭିଆ ୧୯୯୮, ଜାପାନ୍ ୧୯୯୯, ତ୍ରିନିଦାଦ ଓ ଟବାଗୋ ୧୯୯୯ରେ ନାଗରିକମାନଙ୍କୁ ତଥ୍ୟ ଜାଣିବାର ଅଧିକାର ମିଳିସାରିଛି ।

ଆପଣ ଜାଣି ବିସ୍ମିତ ହେବେଯେ, ପଡୋଶୀ ପାକିସ୍ଥାନ, ଯେଉଁଠି ଏକ ସାମରିକ ଶାସନ ରହିଛି, ସେଠାରେ ୧୯୯୭ ରେ ସୂଚନାର ସ୍ୱାଧିନତା ପାଇଁ ଏକ ଅଧ୍ୟାଦେଶ ଜାରି ହୋଇଥିଲା, ଯାହାକି ଏବେ ମୁଶାରଫ ସରକାରଙ୍କ ବିଚାରାଧିନ ରହିଛି ।

## ଭାରତୀୟ ପ୍ରେକ୍ଷାପଟ

ବର୍ତ୍ତମାନ ସୁଦ୍ଧା ଭାରତର ୭ ଟି ରାଜ୍ୟ, ଯଥା ତାମିଲନାଡୁ ( ୧୯୯୭), ଗୋଆ (୧୯୯୭), ମଧ୍ୟପ୍ରଦେଶ ( ୧୯୯୮), ମହାରାଷ୍ଟ୍ର (୨୦୦୦) , ରାଜସ୍ଥାନ (୨୦୦୦) , କର୍ଣ୍ଣାଟକ (୨୦୦୦) ଓ ଦିଲ୍ଲୀ (୨୦୦୧) ରେ ସୂଚନା ପ୍ରାପ୍ତିର ଅଧିକାର ଆଇନ୍ ବିଧାନସାରେ ଗୃହୀତ ହୋଇ ସାରିଲାଣି । ଉତ୍ତର ପ୍ରଦେଶରେ ନାଗରିକ ମାନଙ୍କୁ ସୂଚନା ପ୍ରାପ୍ତିର ଅଧିକାର ଦେବା ଉଦ୍ଦେଶ୍ୟରେ ସେଠିକାର ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ( ୨୦୦୦) ଜରିଆରେ ପ୍ରଶାସନିକ ଅଧିକାରୀମାନଙ୍କୁ ନାଗରିକମାନେ ଚାହୁଁଥିବା ସୂଚନା ବିତରଣ ପାଇଁଏକ ଆଚରଣବିଧି ଘୋଷଣା କରିଛନ୍ତି ତଥା ଏହି ସଂବନ୍ଧୀୟ ସମସ୍ତ କାର୍ଯ୍ୟାବଳୀର ଏକ ସଂକଳନ ପ୍ରତିବର୍ଷ ପ୍ରଶାସନିକ ସଂସ୍କାର ବିଭାଗକୁ ଅବଗତ କରାଇବା ପାଇଁ ଆଦେଶ ଦେଇଛନ୍ତି । ନିକଟରେ ଅକ୍ଟୋବର ପହିଲା ୨୦୦୧ ରେ ଆସାମ ରାଜ୍ୟ ସରକାର ବିଧାନସଭାରେ ସୂଚନା ଅଧିକାର ଆଇନ୍ ବିତର୍କ ପାଇଁ ପେଶ୍ କରିଛନ୍ତି ।

ଆମ ଦେଶରେ ତଥ୍ୟ ଜାଣିବାର ଅଧିକାର ପାଇଁ ସିଧାସଳଖ ଆଇନ୍ ନଥିଲେହେଁ ସୁପ୍ରିମ କୋର୍ଟ ବିଭିନ୍ନ ସମୟରେ କହିଆସିଛନ୍ତି ଯେ, ସମ୍ବିଧାନର ଧାରା ୧୯ (କ) ରେ ବର୍ଣ୍ଣିତ ମତପ୍ରକାଶ ଓ ଭାଷଣ ଦେବାର ଅଧିକାର ମଧ୍ୟରେ ତଥ୍ୟ ଜାଣିବାର ଅଧିକାର ସ୍ୱାଭାବିକଭାବେ ନିହିତ ରହିଛି । କାରଣ, ଜଣେ ତଥ୍ୟ ନଜାଣିଲେ ସେ ମତ ପ୍ରକାଶ ଓ ଭାଷଣ ପ୍ରଦାନ କରିବ କେମିତି ?

ସରକାରୀ ସ୍ତରରେ ପ୍ରଥମେ ୧୯୯୦ ରେ ସେତେବେଳର ପ୍ରଧାନମନ୍ତ୍ରୀ ଶ୍ରୀ ଭି.ପି.ସିଂହ ତଥ୍ୟ ଜାଣିବାର ଅଧିକାରକୁ ଏକ ଆଇନ୍‌ର ରୂପ ଦେବା ଉପରେ ଗୁରୁତ୍ୱ ପ୍ରକାଶ କରିଥିଲେ । ୧୯୯୩ ରେ ଅହମଦାବାଦର ଖାଉଟୀ ଚେତନା ଓ ଗବେଷଣା ପରିଷଦ ସୂଚନାର ଅଧିକାର ନାମରେ ଏକ ବିଲ୍ ପ୍ରସ୍ତୁତ କରିଥିଲେ । ୧୯୯୪ ରେ ରାଜସ୍ଥାନରେ ମଜଦୁର କିଷାନ୍ ଶକ୍ତି ସଂଗଠନ ଗାଁ ଲୋକମାନଙ୍କୁ ନେଇ ତଥ୍ୟ ଜାଣିବାର ଅଧିକାର ପାଇଁ ଆନ୍ଦୋଳନ ଆରମ୍ଭ କରିଥିଲେ । ୧୯୯୬ରେ ପ୍ରେସ୍ କାଉନ୍ସିଲ ସୂଚନାର ସ୍ୱାଧିନତା ନାମରେଏକ ବିଲ୍ ପ୍ରଣୟନ କରିଥିଲେ ।

୧୯୯୬ ମସିହା ୨୦ ନଭେମ୍ବରରେ ଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିବା ସମସ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ସମ୍ମିଳନୀରେ ଫଳପ୍ରଦ ଏବଂ ଉତ୍ତରଦାୟୀ ପ୍ରଶାସନ ସମ୍ବନ୍ଧରେ ଏକ ଜାତୀୟ ବିତର୍କ ଆରମ୍ଭ ହୋଇଥିଲା, ଯାହାକି ୧୯୯୭ ମେ ୨୪ ରେ ଅନୁଷ୍ଠିତ ମୁଖ୍ୟମନ୍ତ୍ରୀମାନଙ୍କ ସମ୍ମିଳନୀରେ ଦୃଢ଼ାନ୍ତ ରୂପ ନେଇଥିଲା । ସେହି ମୁଖ୍ୟମନ୍ତ୍ରୀମାନଙ୍କ ସମ୍ମିଳନୀରେ ଗୃହୀତ କର୍ମଯୋଜନାରେ କୁହାଯାଇଥିଲା ଯେ, ପ୍ରତି ରାଜ୍ୟ ରେ ସୂଚନା ପ୍ରାପ୍ତି ର ଅଧିକାର ଆଇନ୍ ଲାଗୁ ହେବା ସହିତ ପୁରୁଣାକାଳିଆ , ଅକାମି ଓ ପ୍ରଗତି ପରିପନ୍ଥୀ ବିଧି ବିଧାନ ଗୁଡ଼ିକ, ଯଥା- ସରକାରୀ ଗୋପନୀୟତା ଆଇନ୍ ଓ ଭାରତୀୟ ପ୍ରମାଣ ଆଇନ୍‌ର କେତକ ଧାରାରେ ଆବଶ୍ୟକୀୟ ସଂଶୋଧନ ଅଣାଯିବ । ଏହାଛଡା ଶ୍ରୀ ଏଚ୍ , ଡି ସୌରୀଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଜାତୀୟ କମିଟି ଏବଂ ଭାରତୀୟ ପ୍ରେସ୍ କାଉନ୍‌ସିଲ୍ ଅଲଗା ଅଲଗା ଭାବେ 'ସୂଚନାର ସ୍ୱାଧୀନତା ବିଲ୍' ତିଆରି କରି କେନ୍ଦ୍ର ସରକାରଙ୍କ ନିକଟରେ ବିଚାର ବିମର୍ଷ ପାଇଁ ଦାଖଲ କରିଥିଲେ । ୧୯୯୮ ରେ ଜାତୀୟ ସାମ୍ମୁଖ୍ୟ ସରକାର ତରଫରୁ ପ୍ରଧାନମନ୍ତ୍ରୀ ଶ୍ରୀ ବାଜପାୟୀ ନାଗରିକମାନଙ୍କର ତଥ୍ୟ ଜାଣିବାର ଅଧିକାର ପାଇଁ ଆଇନ୍ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

୨୫ ଜୁଲାଇ ୨୦୦୦ ରେ ପାର୍ଲାମେଣ୍ଟରେ ସୂଚନାର ସ୍ୱାଧିନତା ବିଲ୍ ଆଗତ ହୋଇସାରିଛି । ଏହାଛଡା ଦେଶର ଅନ୍ୟ ବହୁ ରାଜ୍ୟରେ ସୂଚନା ପ୍ରାପ୍ତିର ଅଧିକାରକୁ ଆଇନରେ ପରିଣତ କରିବା ପାଇଁ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଉଦ୍ୟମ ଜାରି ରହିଛି ।

## ଓଡିଶାରେ ସୂଚନା ଅଧିକାର ପାଇଁ ଆନ୍ଦୋଳନ

କିନ୍ତୁ କ୍ଷୋଭ ଓ ବିସ୍ମୟର ବିଷୟ,, ଓଡିଶାରେ ବେସରକାରୀ ସ୍ତରରେଏଯାବତ୍ ଅଳ୍ପ କେତେକ କାଁ ଭାଁ ଉଦ୍ୟମକୁ ବାଦ୍ ଦେଲେ, ରାଜ୍ୟ ସରକାରଙ୍କ ତରଫରୁ ସୂଚନାପ୍ରାପ୍ତିର ଅଧିକାର ଆଇନକୁ ଲାଗୁ କରିବା ସମ୍ବନ୍ଧରେ କୌଣସି ଯୋଜନାବଦ୍ଧ ଉଦ୍ୟମ କିମ୍ବା ବିତର୍କ ଆରମ୍ଭ ହୋଇନାହିଁ ।

ହସ୍ତଗତ ତଥ୍ୟରୁ ଯାହା ଜଣାପଡେ, ୧୯୯୬ ରେ ଦୁର୍ନୀତି ଓ ଅପରାଧୀକରଣ ବିରୋଧୀ ମଂଚ ତରଫରୁ ରାଜଧାନୀରେ ଦଳମତ ନିର୍ବିଶେଷରେ ବିଭିନ୍ନ ବ୍ୟକ୍ତି ଓ ସଂଗଠନମାନଙ୍କୁ ନେଇ ଆଲୋଚନା ଚକ୍ର ଓ ଜନସମାବେଶ ଅନୁଷ୍ଠିତ ହୋଇଥିଲା । ୧୯୯୯ ମହାବାତ୍ୟା ପରେ ପରେ କେତେକ ସ୍ୱେଚ୍ଛାସେବୀ ସଂଗଠନର ବଂଧୁମାନେ ରାଜ୍ୟରେ ତଥ୍ୟ ଜାଣିବାର ଅଧିକାର ଆଇନ୍ ଚାଲୁ କରିବା ଉଦ୍ଦେଶ୍ୟରେ ନିଜ ଭିତରେ ବିଚାର ବିମର୍ଷ ଚଳାଇଥିଲେ । ୪ ଫେବୃୟାରୀ ୨୦୦୧ ଦିନ ପ୍ରୋଜେକ୍ଟ ସ୍ୱରାଜ୍ୟ ଓ ସ୍ପନ୍ଦନର ଯୁଗ୍ମ ଆୟୋଜନରେ ଉପକୂଳ ପରିବେଶ ଓ ବିପନ୍ନ ସାମୁଦ୍ରିକ ଜୀବ ସଂପଦର ସୁରକ୍ଷା ଶୀର୍ଷକ ଏକ ରାଜ୍ୟସ୍ତରୀୟ ସେମିନାର କେନ୍ଦ୍ରାପଡା ଜିଲ୍ଲାର ଖରିନାସୀ ଠାରେ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ରାଜ୍ୟର ଦୁଇ ବରିଷ୍ଠ ପ୍ରଶାସନିକ ଅଧିକାରୀ ଶ୍ରୀ ଅରବିନ୍ଦ ବେହେରା ଆଇ.ଏ.ଏସ୍. ଓ ଶ୍ରୀ ମନ ମୋହନ ପ୍ରହରାଜ ଆଇ.ପି.ଏସ୍. ଅଂଶ ଗ୍ରହଣ କରି ପରିବେଶ ପ୍ରଦୂଷଣ ସମ୍ବନ୍ଧୀୟ ତଥ୍ୟ ପ୍ରଶାସନ ଓ ସଂପୃକ୍ତ ପ୍ରଦୂଷଣକାରୀ ସଂସ୍ଥାଙ୍କ ଠାରୁ ଜାଣିବାର ଅଧିକାର ଜନସାଧାରଣଙ୍କର ରହିଛି ବୋଲି ମତ ଦେଇଥିଲେ । ସେମିନାରରେ ଏହି ମର୍ମରେ ଏକ ପ୍ରସ୍ତାବ ଗୃହୀତ ହେବା ସହିତ ରାସାୟନିକ ପ୍ରଦୂଷଣ ଘଟାଉଥିବା ଏବଂ ଏ ସଂକ୍ରାନ୍ତ ତଥ୍ୟକୁ ଲୋକମାନଙ୍କଠାରୁ ଗୋପନୀୟ ରଖୁଥିବା ଅସ୍‌ୱ୍ୟାଲ୍ ସାର ପ୍ରତିଷ୍ଠାନର ବେଆଇନ୍ କାର୍ଯ୍ୟକଳାପ ବିରୁଦ୍ଧରେ ନିନ୍ଦାବାଦ କରାଯାଇଥିଲା । ୧୫ ମାର୍ଚ୍ଚ ୨୦୦୧ ବିଶ୍ୱ ଖାଉଟି ଦିବସ ଉପଲକ୍ଷେ କଟକର ବସୁନ୍ଧରାଠାରେ ପ୍ରୋଜେକ୍ଟ ସ୍ୱରାଜ୍ୟ ଓ ବିଶ୍ୱବିକାଶ ମଣ୍ଡଳର ଯୁଗ୍ମ ଉଦ୍ୟମରେ ଅନୁଷ୍ଠିତ ଏକ ରାଜ୍ୟସ୍ତରୀୟ ସେମିନାରରେ ମାନ୍ୟବର ନ୍ୟାୟମୂର୍ତ୍ତୀ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ମିଶ୍ର ଉଭୟ କେନ୍ଦ୍ର ଓ ରାଜ୍ୟରେ ତଥ୍ୟ ଜାଣିବାର ଅଧିକାରକୁ ଆଇନ୍‌ରେ ପରିଣତ କରିବା ସପକ୍ଷରେ ଦୃଢ ମତ ଦେଇଥିଲେ । ଏହାଛଡା ସେମିନାରରେ ଏହି ମର୍ମରେ ଏକ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିଲା । ମେ ୨୦୦୧ରେ ସ୍ୱେଚ୍ଛାସେବୀ ସଂଗଠନ ଓଡିଶା ପତିତା ଉଦ୍ଧାର ସମିତି ଉଦ୍ୟୋଗରେ ରାଜଧାନୀରେ ଏକ ଜନ ସମାବେଶ ଆୟୋଜନ କରାଯାଇ ରାଜ୍ୟରେ ସୂଚନା ଅଧିକାର ଆଇନ୍ ପ୍ରବର୍ତ୍ତନ ପାଇଁ ଦାବୀ କରି ମାନ୍ୟବର ରାଜ୍ୟପାଳଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା ।

ଇତି ମଧ୍ୟରେ ସୂଚନା ଅଧିକାର ଆନ୍ଦୋଳନକୁ ଲୋକପ୍ରିୟ କରିବା ପାଇଁ ଗଣ ମାଧ୍ୟମ ଗୁଡିକର ବିଶେଷ ଉଲ୍ଲେଖ ଯୋଗ୍ୟ ଭୂମିକା ପରିଲକ୍ଷିତ ହୋଇ ନଥିଲେ ହେଁ, ଦୈନିକ ଓ ସାପ୍ତାହିକ ସମାଜରେ ଅବସର ପ୍ରାପ୍ତ ଆଇ.ପି.ଏସ୍. ଅଧିକାରୀ ଶ୍ରୀ ଦିଲୀପ କୁମାର ମହାପାତ୍ର ଓ ଅଧ୍ୟାପିକା ଡଃ ମିନାକ୍ଷୀ ପଣ୍ଡାଙ୍କ ଦ୍ୱାରା ଲିଖିତ ଦୁଇଟି ଅଲଗା ଅଲଗା ପ୍ରବନ୍ଧ ପ୍ରକାଶ ପାଇଛି । ଦୈନିକ ପ୍ରଗତିବାଦୀ ଜାଣିବାର ଅଧିକାର ସପକ୍ଷରେ ଏକ ସଂପାଦକୀୟ ପ୍ରକାଶ କରିଛନ୍ତି । ବିଶିଷ୍ଟ ଦଳିତ ନେତା ଶ୍ରୀ ମୋହନ ଜେନାଙ୍କ ସଂପାଦନାରେ ପ୍ରକାଶିତ ମାସିକ ପତ୍ରିକା ଅଧିକାରରେ ଅଗଷ୍ଟ ୨୦୦୧ଠାରୁ ଲୋହିଆ-ଆମ୍ବେଦକର ବିଚାରମଞ୍ଚ ତରଫରୁ କ୍ରମାଗତ ଲେଖା ବାହାରି ଆସୁଛି । ଦୈନିକ ପର୍ଯ୍ୟବେକ୍ଷକ ଡିସେମ୍ବର ୨୪ ଓ ୨୫, ୨୦୦୧ରେ କ୍ରମିକଭାବେ ଓଡିଶାରେ ସୂଚନା ଅଧିକାର ବିଳମ୍ବ କାହିଁକି ଶିରୋନାମାରେ ବିସ୍ତୃତ ପ୍ରବନ୍ଧ ପ୍ରକାଶ କରିଛି ।

ନିକଟ ଅତୀତରେ ଅକ୍ଟୋବର ୫, ନଭେମ୍ବର ୪ ତଥା ୨୮ରେ ନାରୀ ସୁରକ୍ଷା ସମିତି, ଜିଲା ପୁସ୍ତକ ମେଳା ତଥା ସଂଯୋଗର ଆହ୍ୱାନରେ ଯଥାକ୍ରମେ ଅନୁଗୁଳ, କେନ୍ଦ୍ରାପଡା ଓ କେନ୍ଦୁଝର ଠାରେ ଜିଲ୍ଲା ସ୍ତରୀୟ ସେମିନାର ଅନୁଷ୍ଠିତ ହୋଇଯାଇଛି, ଯେଉଁଥିରେ ରାଜ୍ୟ ପ୍ରଶାସନିକ ଟ୍ରିବୁନାଲ୍‌ର ସରକାରୀ ଓକିଲ ଶ୍ରୀ ସ୍ୱରାଜ୍ୟ ବିଶ୍ୱାଳ, ସମାଜସେବୀ ଚିତ୍ତରଞ୍ଜନ ବେହେରା ଓ ମାନସ ଜେନା ବକ୍ତବ୍ୟ

ପ୍ରଦାନ କରିବା ସହିତ ସରକାରୀ ପଦାଧିକାରୀ, ପଞ୍ଚାୟତିରାଜର ପ୍ରତିନିଧିଗଣ, ସାମ୍ବାଦିକ, ଡାକ୍ତର, ଚାଷୀ, ବ୍ୟବସାୟୀ, ସାହିତ୍ୟ ଓ ସଂସ୍କୃତି କର୍ମୀ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରି ତଥ୍ୟ ଜାଣିବାର ଅଧିକାର ପାଇଁ ପ୍ରସ୍ତାବିତ ଆଇନ୍‌ର ବିଭିନ୍ନ ଦିଗ ଉପରେ ନିଜ ନିଜର ମତ ପ୍ରକାଶ କରିଛନ୍ତି। ଏହାଛଡା ଏହି ଆନ୍ଦୋଳନକୁ ଆହୁରି ତଳ ସ୍ତରକୁ ନେଇଯିବା ପାଇଁ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ସେଣ୍ଟର ଫର୍ ଡେଭଲପ୍‌ମେଣ୍ଟାଲ୍ ଆକ୍ଟିଭିଟିଜ୍ ତରଫରୁ ଡିସେମ୍ବର ୧୦ (ବିଶ୍ୱ ମାନବ ଅଧିକାର ଦିବସ) ରେ କେଉଁଝର ଜିଲ୍ଲାର ହରିଚନ୍ଦନପୁର ଠାରେ ଏକ ବ୍ଲକ୍ ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ସମସ୍ତ କାର୍ଯ୍ୟକ୍ରମରେ ରାଜ୍ୟରେ ସୂଚନା ପ୍ରାପ୍ତିର ଅଧିକାର ଆଇନ୍ ପ୍ରବର୍ତ୍ତନ କରିବା ସପକ୍ଷରେ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଛି। ଡିସେମ୍ବର ୨୦, ୨୦୦୧ ରେ ଜଗତସିଂପୁର ଜିଲ୍ଲାପାଳଙ୍କ ସଭାଗୃହରେ ବିକାଶଯାତ୍ରାର ସ୍ୱେଚ୍ଛାସେବୀମାନଙ୍କୁ ସମ୍ବର୍ଦ୍ଧନା ଅବସରରେ ଜିଲ୍ଲା ସ୍ୱେଚ୍ଛାସେବୀ ମହାସଂଘ ତରଫରୁ ଏକ ଜନସଭା ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ କି ଜିଲ୍ଲାପରିଷଦର ଅଧ୍ୟକ୍ଷ ଶ୍ରୀ ଲକ୍ଷ୍ମଣ ମଳିକ ଓ ବିଧାୟକ ଶ୍ରୀ ବିଷ୍ଣୁ ଦାସଙ୍କ ସମେତ ବିଶିଷ୍ଟ ଓକିଲ , ବୁଦ୍ଧିଜୀବି ଓ ସମାଜସେବୀ ଯୋଗଦେଇଥିଲେ ଏବଂ ଯେଉଁଥିରେକି ଅନ୍ୟତମ ବକ୍ତା ଶ୍ରୀ ଚିତ୍ତରଂଜନ ବେହେରା ତଥ୍ୟ ଜାଣିବାର ଅଧିକାର ସମ୍ବନ୍ଧରେ ବିଶଦ୍ ଆଲୋଚନା କରିଥିଲେ।

ଇତି ମଧ୍ୟରେ ଓଡିଶାରେ ତଥ୍ୟ ଜାଣିବାର ଅଧିକାର ୨୦୦ ଶୀର୍ଷକ ଏକ ବିଲ୍ ପ୍ରସ୍ତୁତ କରାଯାଇ ଉଭୟ ସରକାରୀ ଓ ବେସରକାରୀ ବ୍ୟକ୍ତି ଓ ସଂଗଠନବିଶେଷଙ୍କଠାରୁ ତାହା ଉପରେ ମତାମତ ସଂଗ୍ରହ କରାଯାଉଛି। ରାଜ୍ୟର ମୁଖ୍ୟମନ୍ତ୍ରୀ ଏହି ବିଲ୍ ଉପରେ ନିଜର ସକାରାତ୍ମକ ମନ୍ତବ୍ୟ ପ୍ରକାଶ କରିବା ସହିତ ଗତ ଅକ୍ଟୋବର ୧୧ ତାରିଖ ଜୟପ୍ରକାଶ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ସାଧାରଣ ସଭାରେ ନିଜର ଭାଷଣ ପ୍ରସଙ୍ଗରେ ଓଡିଶାରେ ନାଗରିକ ମାନଙ୍କର ସୂଚନା ପାଇବାର ଅଧିକାର ପାଇଁ ଏକ ଆଇନ୍ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ୨୦୦୧ ଅକ୍ଟୋବର ମଧ୍ୟଭାଗରେ ରାଜ୍ୟସରକାରଙ୍କ ଗୋପବନ୍ଧୁ ଏକାଡେମି ଅଫ୍ ଆଡ୍‌ମିନିଷ୍ଟ୍ରେସନରେ ତଥ୍ୟ ଜାଣିବାର ଅଧିକାର ଉପରେ ଜିଲ୍ଲା ଗ୍ରାମ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ଅଧିକାରୀମାନଙ୍କୁ ନେଇ ଏକ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହାଛଡା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କ ଫୋର୍ସ ଗଠନ କରାଯାଇଛି।

ଡିସେମ୍ବର ୧୮ ଓ ୧୯, ୨୦୦୧ ରେ ରାଜ୍ୟର ପ୍ରମୁଖ ସ୍ୱେଚ୍ଛାସେବୀ ସଂଗଠନ ସେଣ୍ଟର ଫର୍ ୟୁଥ୍ ଆଣ୍ଡ ସୋସିଆଲ୍ ଡେଭଲପ୍‌ମେଣ୍ଟ (ସି. ଓ୍ୱାଇ,ଏସ୍.ଡି.) ତରଫରୁ ଦିଲ୍ଲୀସ୍ଥିତ କମନ୍‌ୱେଲଥ୍ ହ୍ୟୁମାନ୍ ରାଇଟସ୍ ଇନିସିଏଟିଭ୍‌ର ସହଯୋଗିତାରେ ଏକ ଦୁଇଦିନିଆ ଆଲୋଚନା ସଭା ରାଜ୍ୟର ବିଭିନ୍ନ କ୍ଷେତ୍ରରୁ ଆସିଥିବା ମୋଟ ୬୦ ଜଣ ପ୍ରତିନିଧିଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି, ଯେଉଁଥିରେ କି ଶ୍ରୀ ଚିତ୍ତରଂଜନ ବେହେରା ସୂଚନାପ୍ରାପ୍ତିର ଅଧିକାର ଉପରେ ପ୍ରସ୍ତାବିତ ଚିଠା-ବିଧେୟକର ବିଶଦ୍ ବ୍ୟାଖ୍ୟା କରିଥିଲେ । ଏଥିରେ ଅବସରପ୍ରାପ୍ତ ନ୍ୟାୟମୂର୍ତ୍ତି ଶ୍ରୀ ଲିଙ୍ଗରାଜ ରଥ, ଓଡିଶା ପୋଲିସ୍ ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଏଲ୍.ସି.ଅମରନାଥନ୍ , ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗର ସଚିବ-କମିଶନର ଶ୍ରୀ ଆର୍.ବାଲକ୍ରିଷ୍ଣନ, ଦୈନିକ ସଂବାଦପତ୍ର ସମୟ ର ସଂପାଦକ ଶ୍ରୀ ସାତକୋଡି ହୋତା ତଥା ବିଶିଷ୍ଟ ଆଇନଜୀବି ଶ୍ରୀମତୀ ମୀରା ଦାସ ଯୋଗଦେଇ ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ତଥ୍ୟ ଜାଣିବାର ଅଧିକାର ପାଇଁ ରାଜ୍ୟରେ ଏକ ସ୍ୱତନ୍ତ୍ର ଆଇନ୍ ପ୍ରଣୟନର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ପୁଣି ଜାନୁଆରୀ ୮, ୨୦୦୨ ରେ ସି.ଓ୍ୱାଇ,ଏସ୍.ଡି. ସଭାଗୃହରେ ଆସନ୍ନ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷିରେ ଗ୍ରାମବାସୀମାନଙ୍କୁ ସେମାନଙ୍କ ଅଧିକାର ଓ ଦାୟିତ୍ୱ ସମ୍ବନ୍ଧରେ ସଚେତନ କରେଇବାର ଆବଶ୍ୟକତାକୁ ଆଖିଆଗରେ ରଖି ଏକ କର୍ମୀ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେକି ପଞ୍ଚାୟତ ପ୍ରଶାସନରେ ସ୍ୱଚ୍ଛତା ଆଣିବା ପାଇଁ ରାଜ୍ୟସରକାରଙ୍କ ଦ୍ୱାରା ବିଭିନ୍ନ ସମୟରେ ଜାରି ହୋଇଥିବା ନିର୍ଦ୍ଦେଶାବଳୀର ବାସ୍ତବ କାର୍ଯ୍ୟକାରୀତା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । ଏହି ବୈଠକରେ ପଡୋଶୀ ଆନ୍ଧ୍ର ପ୍ରଦେଶରେ ସୂଚନା ଅଧିକାର ପାଇଁ ଆନ୍ଦୋଳନ ଚଳାଇ ରଖିଥିବା ସଂଗଠନ □ଲୋକସତ୍ତା□ ର ଡକ୍ଟର ଜୟପ୍ରକାଶ ନାରାୟଣ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ।

ଇତିମଧ୍ୟରେ ତଥ୍ୟ ଜାଣିବାର ଅଧିକାର ଉପରେ ଏକ ତୃଣମୂଳ ଆନ୍ଦୋଳନ ଗଢିତୋଳିବା ଉଦ୍ଦେଶ୍ୟରେ ଆକ୍ସନ ଏଡ୍-ଇଣ୍ଡିଆ ଉଦ୍ୟମରେ ବଲାଙ୍ଗୀର ଜିଲ୍ଲାର ଅଗଲପୁର ବ୍ଲକ୍ ଅନ୍ତର୍ଗତ ଝରଣିପାଲି ଗ୍ରାମ ପଞ୍ଚାୟତରେ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ହିତାଧିକାରୀମୁଖି ପ୍ରକଳ୍ପ ଗୁଡିକୁ ଗ୍ରାମବାସୀଙ୍କ ଦ୍ୱାରା ସାମାଜିକ ସମୀକ୍ଷାପାଇଁ ଏପ୍ରିଲ୍ ୨୦୦୦ ଠାରୁ ଏକ ଲୋକ ଅଭିଯାନ ଆରମ୍ଭ ହୋଇଛି।

ରାୟଗଡା ଜିଲ୍ଲାର କାଶୀପୁର ଅଞ୍ଚଳରେ ଉତ୍କଳ ଆଲୁମିନା କମ୍ପାନୀ ଦ୍ୱାରା ପ୍ରସ୍ତାବିତ ବହୁରାଷ୍ଟ୍ରୀୟ ରପ୍ତାନୀ-ଭିତ୍ତିକ ଶିଳ୍ପୋଦ୍ୟୋଗର ପ୍ରତିଷ୍ଠା ସମ୍ବନ୍ଧରେ ସ୍ଥାନୀୟ ଆଦିବାସୀମାନଙ୍କର ଯଥୋଚିତ ସମ୍ମତି ନନେଇ ସ୍ଥାନୀୟ ପ୍ରଶାସନ ଦ୍ୱାରା ସେମାନଙ୍କର ଜମି ଅଧିଗ୍ରହଣ କରିବାର ଅସାମ୍ବିଧାନିକ ପଦକ୍ଷେପକୁ କେନ୍ଦ୍ରକରି ଯେଉଁ ଅପ୍ରୀତିକର ପରିସ୍ଥିତି ଲାଗିରହିଲା, ସେହି ପରିପ୍ରେକ୍ଷିରେ ରାଜ୍ୟର ପ୍ରମୁଖ ସ୍ୱେଚ୍ଛାସେବୀ ସଂଗଠନ 'ଅଗ୍ରଗାମୀ' ଓ ଅନ୍ୟାନ୍ୟ କେତେକ ସଂଗଠନ ଓ ବ୍ୟକ୍ତିବିଶେଷଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଆଦିବାସୀମାନଙ୍କର 'ସୂଚନା ଅଧିକାର' ଆନ୍ଦୋଳନକୁ ଯଥେଷ୍ଟ ଆଗେଇ ନେଇଛି, ଏଥିରେ ସନ୍ଦେହ ନାହିଁ ।

ରାଜ୍ୟରେ ଏକ ଯଥାର୍ଥ ଲୋକମୁଖୀ ସୂଚନା ପ୍ରାପ୍ତିର ଅଧିକାର ଆଇନ୍ ତୁରନ୍ତ ଚାଲୁ କରିବା ପାଇଁ ଦାବି କରି ମୁଖ୍ୟମନ୍ତ୍ରୀଙ୍କୁ ସମ୍ବୋଧନ କରି ଏକ ସ୍ମାରକ ପତ୍ରରେ ସଚେତନ ନାଗରିକ ମାନଙ୍କର ସ୍ୱାକ୍ଷର ସଂଗ୍ରହ ଅଭିଯାନ ଚାଲୁ ରହିଛି । ସବୁଠୁ ବଡ ଶୁଭପ୍ରଦ ଖବର ଏହିକିଯେ, ଅନୁଗୁଳର ଜିଲ୍ଲାପାଳ ଶ୍ରୀ ଲକ୍ଷ୍ମୀନାରାୟଣ ଗୁପ୍ତା ଏଭଳି ଏକ ପ୍ରଗତିଶୀଳ ଆଇନର ଦୃଢ ସମର୍ଥକ ହୋଇ ନିଜ ଉଦ୍ୟମରେ ଜିଲ୍ଲା ପ୍ରଶାସନର ସଂସ୍କାର କରି ସାଧାରଣ ଲୋକଙ୍କୁ ସହଜରେ ତଥ୍ୟପ୍ରଦାନ ପାଇଁ ଅନୁଗୁଳରେ ଏକ ସର୍ବସାଧାରଣ ସୂଚନା ଓ ସହାୟତା କେନ୍ଦ୍ର ଖୋଲିବାର ସମସ୍ତ ଆୟୋଜନ କରିସାରିଛନ୍ତି , ଯାହାକି ଅନ୍ୟାନ୍ୟ ପ୍ରଶାସକ ମାନଙ୍କ ପାଇଁ ମାର୍ଗଦର୍ଶକ ହୋଇ ପାରିବ ।

## ଏହା ଜରୁରୀ କାହିଁକି ?

ଜଣେ ସାଧାରଣ ନାଗରିକ ଗୋଟିଏ ସରକାରୀ ଦପ୍ତରକୁ କୋଣସି ଜରୁରୀ ବିଷୟରେ ଚିଠିଦେଲେ ତହିଁର ଉତ୍ତର ମିଳି ନଥାଏ । ଉତ୍ତର ପାଇବା ଅଶାରେ ସେହି ବ୍ୟକ୍ତି ଜଣକ ସଂପୃକ୍ତ ସରକାରୀ ଦପ୍ତରକୁ ଥରେ ନୁହଁ, ଦିଥର ନୁହଁ, ବାରମ୍ବର ଦୌଡିବାକୁ ପଡିଥାଏ । କେବେ ସେ ଶୁଣିଥାଏ, 'ଆଜି ଅଫିସର୍ ନାହାନ୍ତି' , ଆଉକେବେ 'ଫାଇଲ୍ ମଳୁନି', ପୁଣି ଆଉ କେବେ 'ଆଜି ଅଫିସର ଜରୁରୀ କାମରେ ବ୍ୟସ୍ତ', ଇତ୍ୟାଦି, ଇତ୍ୟାଦି । ବାରମ୍ବାର ଦୌଡି ଦୌଡି ବ୍ୟକ୍ତି ଜଣକ ସବା ଶେଷରେ ତା'ର ଆବଶ୍ୟକୀୟ ତଥ୍ୟ ବା ସୂଚନା ପାଇବାରେ ଯେ ସଫଳ ହୋଇଥାଏ, ତାହା ବି ନୁହେଁ, ପୁଣି କେତେକ ପରିସ୍ଥିତିରେ, ଯେଉଁଠି ସଂପୃକ୍ତ ଅଫିସର୍ କୌଣସି ନା କୌଣସି କାରଣରୁ ଫାଇଲ୍‌ର ତଥ୍ୟ ପ୍ରକାଶ କରିବାପାଇଁ ନାରାଜ, ସେପରି ସ୍ଥଳେ ଅଫିସର ଜଣକ ଏକଥା କହିବାର ଶୁଣାଯାଇଛି, 'ଆମେ ଆପଣଙ୍କୁ ତଥ୍ୟ ଦେବାକୁ ବାଧ୍ୟ ନୋହୁଁ' ।

କେବଳ ନାଗରିକର ଦୃଷ୍ଟିକୋଣରୁ ନୁହେଁ, ପ୍ରଶାସକ ମାନଙ୍କ ପାଇଁ ମଧ୍ୟ ତଥ୍ୟ ପ୍ରଦାନ ଏକ ବଡ ସମସ୍ୟା ହୋଇ ରହିଛି । ସଚିବାଳୟରୁ ଆରମ୍ଭ କରି ବ୍ଲକ୍ ଓ ତହସିଲ ପର୍ଯ୍ୟନ୍ତ ବିଭିନ୍ନ ଦପ୍ତରକୁ ପ୍ରତିଦିନ ଯାଉଥିବା ଲୋକଙ୍କ ମଧ୍ୟରେ ସଂଖ୍ୟାଧିକ ହେଉଛନ୍ତି ସେହିମାନେ, ଯେଉଁମାନେ କି ବ୍ୟକ୍ତିଗତ ବା ସର୍ବସାଧାରଣଙ୍କ କାମ ବିଷୟରେ କେବଳ କେତେକ ସୂଚନା ବା ତଥ୍ୟ ଜାଣିବାକୁ ଚାହୁଁଥାନ୍ତି । ଏହି ଲୋକମାନେ ସେମାନଙ୍କର ଆବଶ୍ୟକତା ତାଗିଦ୍‌ରୁ ଅଫିସର୍ ଓ କର୍ମଚାରୀ ମାନଙ୍କୁ ସଂପୃକ୍ତ ବିଷୟରେ ଜାଣିବା ପାଇଁ ପଚାରିଥାନ୍ତି । ଏହି ପ୍ରକ୍ରିୟାରେ ବହୁ ଅଫିସର୍ ଓ କର୍ମଚାରୀମାନଙ୍କର ବହୁ ମୂଲ୍ୟବାନ ସମୟ ନଷ୍ଟ ହୋଇଥାଏ । ଯେଉଁ ସୂଚନା ବା ତଥ୍ୟ ଗୁଡିକ ସର୍ବସାଧାରଣଙ୍କୁ ଜଣାଇବାରେ ଦେଶ ବା ସମାଜର କୋଣସି କ୍ଷତି ନାହିଁ, ସେଗୁଡିକୁ ଦପ୍ତର ଗୁଡିକ ସାମନାରେ ଏବଂ ଗଣମାଧ୍ୟମରେ ସୁବିଜ୍ଞାପିତ କରା ଯାଇପାରିଲେ, ସାଧାରଣ ଲୋକେ ଆପେ ଆପେ ବହୁ ଆବଶ୍ୟକୀୟ ସୂଚନା ଓ ତଥ୍ୟ ପାଇ ପାରନ୍ତେ ଓ ଏଥିପାଇଁ ବିଭିନ୍ନ ସରକାରୀ ଅଧିକାରୀ ଓ କର୍ମଚାରୀ ମାନଙ୍କର ସମୟ ନଷ୍ଟ କରନ୍ତେ ନାହିଁ । ଏକ ବିକଳ୍ପ ଉପାୟ ଭାବେ ପ୍ରତି ସରକାରୀ ଦପ୍ତରରେ ଯଦି ଜଣେ ଜଣେ ଅଧିକାରୀଙ୍କୁ ସୂଚନା ଅଧିକାରୀ ରୂପେ ଚିହ୍ନଟ କରି ଦାୟିତ୍ୱ ନ୍ୟସ୍ତ କରା ଯାଆନ୍ତା , ତେବେ ସେ ଯେ କୋଣସି ବ୍ୟକ୍ତିର ତଥ୍ୟଗତ ପ୍ରୟୋଜନକୁ ସହଜରେ ପୂରଣ କରି ପାରନ୍ତେ, ଯେଉଁଥିପାଇଁକି ଅନ୍ୟ କେହି ଅଧିକାରୀ ବା କର୍ମଚାରୀ ବ୍ୟସ୍ତ ଓ ବିରକ୍ତ ହୋଇପଡିବାର ଆଶଙ୍କା ରୁହନ୍ତା ନାହିଁ । ସୁତରାଂ ସରକାରୀ ଦପ୍ତରରୁ ସାଧାରଣ ଲୋକଙ୍କ ନିକଟକୁ ସୂଚନା ସରବରାହ ଯେତେ ମୁକ୍ତ ଓ ସ୍ୱଚ୍ଛନ୍ଦ ହେବ, ତଦ୍ୱାରା ଗୋଟିଏ ଗଣତାନ୍ତ୍ରୀକ ରାଷ୍ଟ୍ରର ପ୍ରଶାସନ ସେତିକି କର୍ମଦକ୍ଷ ଓ ଦାୟିତ୍ୱଶୀଳ ହୋଇପାରିବ ।

## ସୂଚନାର ସ୍ୱାଧୀନତା- ଦୁର୍ନୀତି ରୋକିବାର ପ୍ରକୃଷ୍ଟ ମାର୍ଗ-

ଆମ ରାଜ୍ୟରେ ଓ ଦେଶରେ କ୍ରମବର୍ଦ୍ଧିମାନ ଦୁର୍ନୀତି ଏକ ଜଟିଳ ଓ ଦୁରାରୋଗ୍ୟ ସାମାଜିକ ବ୍ୟାଧୀ ରୂପେ ମୁଣ୍ଡ଼ ଟେକିଛି । ଜେନେଭାସ୍ଥିତ ଟ୍ରାନ୍ସପାରେନ୍ସୀ ଇଣ୍ଟରନେସ୍‌ନାଲ୍ ନାମକ ଏକ ସଂସ୍ଥାଦ୍ୱାରା କରାଯାଇଥିବା ଏକ ସର୍ଭେରୁ ଜଣାପଡେ ଯେ ସର୍ଭେର ପରିସରଭୁକ୍ତ ୯୦ ଟି ଦେଶ ମଧ୍ୟରୁ ଭାରତର ସ୍ଥାନ ୭୧ । ଅର୍ଥାତ୍, ଦୁର୍ନୀତିରେ ଭାରତ ୭୦ ଟି ଦେଶଠାରୁ ଆଗୁଆ ରହିଛି । ସବୁ ଲୋକଙ୍କର, ଏପରି କି ଖୋଦ୍ ସରକାରରେ କାମ କରୁଥିବା ଲୋକଙ୍କର ଗୋଟିଏ ଧାରଣା ହୋଇ ଗଲାଣି ଯେ, ବିନା ଲାଞ୍ଚରେ ସରକାରୀ ଦପ୍ତରରୁ କୌଣସି ଗୋଟିଏ କାମ ହାସଲ ହୋଇପାରିବ ନାହିଁ, କେନ୍ଦ୍ରର ପ୍ରତିରକ୍ଷା ବିଭାଗଠାରୁ ଆରମ୍ଭ କରି ରାଜ୍ୟ ଅଧିନସ୍ଥ ଗୋଟିଏ ବ୍ଲକ୍‌ର ରିଲିଫ୍ ଓ ଥଇଥାନ କାର୍ଯ୍ୟକ୍ରମ – ସବୁ କ୍ଷେତ୍ରରେ ଲାଞ୍ଚ, ମାରପେଞ୍ଚ ଓ ପ୍ରିୟାପ୍ରୀତି ତୋଷଣ ଏକ ନିତିଦିନିଆ ଓ

ଦେହସୁହା ଘଟଣା ହୋଇଗଲାଣି । ସରକାରଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବେ ବା ସରକାରଙ୍କ ଦ୍ୱାରା ନିଯୁକ୍ତ ଠିକାଦାର ମାନଙ୍କ ଦ୍ୱାରା ନିର୍ମିତ ହେଉଥିବା ରାସ୍ତା, ପୋଲ , ଗୃହ ଇତ୍ୟାଦି ଯେ କୋଣସି ନିର୍ମାଣ କାର୍ଯ୍ୟ ଯେ ଅତ୍ୟନ୍ତ ନିକୃଷ୍ଟ ମାନର ତାହା କାହାରିକୁ ଅଗୋଚର ନାହିଁ । ଦେଶସାରା ଦୁର୍ନୀତି ଏଭଳି ବ୍ୟାପି ଯାଇଛି ଯେ , ଦେଶ ବାହାରେ ଓ ଭିତରେ ଅନେକ ବ୍ୟକ୍ତି ମନେ କରନ୍ତି , ଦୁର୍ନୀତି ଯେମିତି ଭାରତୀୟ ମାନଙ୍କର ଏକ ସହଜାତ ପ୍ରକୃତି , ଯାହାକୁ କି ରୋକି ହେବନାହିଁ ।

କିନ୍ତୁ ଟିକେ ତଳେଇ କରି ଦେଖିଲେ ବୁଝାପଡିବ ଯେ, ଗୋପନୀୟତା ହେଉଛି ଦୁର୍ନୀତିର ଉର୍ବର କ୍ଷେତ୍ର । ଉଦାହରଣ ସ୍ୱରୂପ , ସରକାର ଗଣମାଧ୍ୟମ ଜରିଆରେ ଟେଣ୍ଡର୍ ନୋଟିସ୍ ଜାରି କରି ଯେ କୌଣସି ସର୍ବସାଧାରଣ କାର୍ଯ୍ୟ ପାଇଁ ଠିକାଦାର ମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରିଥାନ୍ତି । କିନ୍ତୁ ଦରଖାସ୍ତ ମିଳିବା ପରଠାରୁ ଠିକାଦାର ମନୋନୟନର ଚୂଡ଼ାନ୍ତ ନିଷ୍ପତ୍ତି ନିଆହେବା ପର୍ଯ୍ୟନ୍ତ ପ୍ରଶାସନିକ ସ୍ତରରେ କଣ ଘଟେ, ତାହା ସର୍ବସାଧାରଣଙ୍କର ଜାଣିବାର ଉପାୟ ନାହିଁ. ଏଭଳି ଏକ ମୌକାରେ ବିଭାଗୀୟ ମନ୍ତ୍ରୀ , ସଚିବ ଏବଂ ଅଳ୍ପ କେତେକ ସ୍ୱାର୍ଥାନ୍ୱେଷୀ ଅଧିକାରୀ ଓ କର୍ମଚାରୀ ମୋଟା ଆକାରରେ ଲାଞ୍ଚ ଦେଇ ପାରୁଥିବା ଅସାଧୁ ଠିକାଦାର ସହିତ ହାତ ମିଳାଇ ସର୍ବସାଧାରଣଙ୍କ ଅଗୋଚରରେ ନିଜର ମନପସନ୍ଦ ଠିକାଦାରକୁ ମନୋନୀତ କରିଥା'ନ୍ତି ।

ଗୋଟିଏ ପଟରେ ସାଧାରଣ ଲୋକେ ସରକାରୀ ଦପ୍ତର ଗୁଡ଼ିକରୁ ସୂଚନା ପାଇବାରୁ ବଂଚିତ ହେଉଥିବା ବେଳେ ଅନ୍ୟପକ୍ଷରେ ଅର୍ଥ, କ୍ଷମତା ଓ ପ୍ରତିପତ୍ତିର ଅଧିକାରୀ ଏକ କ୍ଷୁଦ୍ରଗୋଷ୍ଠୀ ସ୍ୱାର୍ଥାନ୍ୱେଷୀ ସରକାରୀ କର୍ମଚାରୀ ମାନଙ୍କୁ ବିଭିନ୍ନ ପ୍ରକାର ଉପୁରିର ଲୋଭ ଦେଖାଇ ଓ ସେମାନଙ୍କୁ ଦୁର୍ନୀତିଗ୍ରସ୍ତ କରି ରଖିଥା'ନ୍ତି ଓ ନିଜର ଆବଶ୍ୟକ ପଡୁଥିବା ଅତି ଗୋପନୀୟ ସରକାରୀ ଦଲିଲ୍ ଓ ତଥ୍ୟକୁ ସେମାନଙ୍କ ଜରିଆରେ ଅକ୍ଳେଶରେ ହାସଲ୍ କରିଥା'ନ୍ତି । ଏହିପରି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ ପକ୍ଷେ ସରକାରୀ ଦପ୍ତରରୁ ଅବାଧରେ ସୂଚନା ହାସଲ କରିବା ଏବଂ ନିଜର ସଂକୀର୍ଣ୍ଣ ସ୍ୱାର୍ଥ ପାଇଁ ସେ ସବୁକୁ ବ୍ୟବହାର କରିବାର ପରମ୍ପରା ବହୁ କାଳରୁ ଚଳି ଆସିଛି, ଏବଂ ଯେ ପର୍ଯ୍ୟନ୍ତ ସରକାରୀ ପ୍ରଶାସନ ଗୋପନୀୟତାର ବାତାବରଣରେ ଆଛନ୍ନ ହୋଇ ରହିଥିବ, ସେ ପର୍ଯ୍ୟନ୍ତ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ ଦ୍ୱାରା ପ୍ରଶାସନ ପ୍ରଭାବିତ ଓ ବ୍ୟବହୃତ ହୋଇ ଚାଲିଥିବ, ଏଥିରେ ସନ୍ଦେହର ଅବକାଶ ନାହିଁ ।

ସୁତରାଂ, ସେଥିପାଇଁ କେନ୍ଦ୍ରୀୟ ଭିଜିଲାନ୍ସ କମିଶନର ଶ୍ରୀ ଏନ୍. ବିଠଲ୍ଙ୍କ ମତରେ ପ୍ରଶାସନକୁ ଗୋପନୀୟତାରୁ ମୁକ୍ତ କରି ଜାତୀୟ ସ୍ତରରେ ଓ ପ୍ରତିରାଜ୍ୟରେ ସର୍ବସାଧାରଣଙ୍କୁ ସୂଚନାର ଅଧିକାର ଦେବାପାଇଁ ଅଇନ୍ ପ୍ରଣୀତ ହେବା ଆବଶ୍ୟକ । ତାଙ୍କ ମତରେ , 'ସୂର୍ଯ୍ୟାଲୋକ ଯେପରି ସବୁଠୁ ବଡ ବିଶୋଧକ, ସେହିପରି ସର୍ବସାଧାରଣଙ୍କ ସମ୍ମୁଖରେ ପ୍ରଶାସନିକ ପ୍ରକ୍ରିୟାର ସ୍ୱଚ୍ଛତାହିଁ ଦୁର୍ନୀତି ଓ ଭ୍ରଷ୍ଟାଚାରର ସବୁଠୁଁ ଶକ୍ତିଶାଳୀ ପ୍ରତିରୋଧକ । ଦେଶର ଆଟର୍ଣ୍ଣି ଜେନେରାଲ ଶ୍ରୀ ଶୋଲି ସୋରାବ୍ଜୀ ମଧ୍ୟ ଅନୁରୂପ ମତ ପ୍ରଦାନ କରିଛନ୍ତି ।

## ସରକାରୀ ଗୋପନୀୟତା ଆଇନ୍ – ୧୯୨୩

ସାଧାରଣ ଲୋକଙ୍କୁ ଅନ୍ଧକାରରେ ରଖି ସେମାନଙ୍କୁ ମନମୁଖୀଭାବେ ଶାସନ କରିବା ପାଇଁ କ୍ଷମତାସୀନ ଦଳ ଓ ପ୍ରଶାସନ ହାତରେ ଏହି ଆଇନ୍ ଏକ ବଡ ଅସ୍ତ୍ର । ଔପନିବେଶିକ ଶାସନ କାଳରେ ଇଂରେଜ ମାନେ ଆମ ଦେଶର ଲୋକଙ୍କୁ ପ୍ରଶାସନ ସମ୍ବନ୍ଧରେ ଅଜ୍ଞ ରଖି ମନମୁଖୀ ଶାସନ ପାଇଁ ଏହି ଆଇନ୍ ଚାଲୁ ରଖିଥିଲେ । ଏହି ଆଇନ୍ ବଳରେ ଯେ କୌଣସି ସରକାରୀ ଅଫିସର୍ ଯେ କୌଣସି ନାଗରିକଙ୍କୁ ଯେ କୌଣସି ବିଷୟରେ ତଥ୍ୟ ବା ସୂଚନା ଦେବା ପାଇଁ ମନା କରି ପାରନ୍ତି । ଇଂରେଜ ମାନେ ସେମାନଙ୍କ ନିଜ ଦେଶରେ ଏଭଳି ସ୍ୱେଚ୍ଛାଚାରୀ ଆଇନ୍ ଗୁଡିକର ଉଚ୍ଛେଦ କରି ନାଗରିକ ମାନଙ୍କର ସୂଚନା ଅଧିକାରକୁ ଅଇନ୍‌ରେ ପରିଣତ କରି ସାରିଥିଲେ ହେଁ , ଇଂରେଜ ମାନଙ୍କ ଠାରୁ ଦେଶ ୫୪ ବର୍ଷ ଧରି ସ୍ୱାଧୀନ ହେବାପରେ ବି ଆମେ ସେମାନଙ୍କ ଦ୍ୱରା ତିଆରି ଜନବିରୋଧୀ 'ସରକାରୀ ଗୋପନୀୟତା ଆଇନ' କୁ ଜାବୁଡ଼ି ଧରି ଚାଲିଛେ । ସେହିପରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀ ମାନଙ୍କ ପାଇଁ ଇଂରେଜମାନେ ତିଆରି କରିଥିବା ଆଚରଣ ବିଧି ଏଯାବତ୍ ବଳବତ୍ତର ରହିଛି । ଏଥିରେ ସ୍ପଷ୍ଟଭାବେ କୁହାଯାଇଛି ଯେ, କୌଣସି

ସରକାରୀ କର୍ମଚାରୀ ବିନା ଅନୁମତିରେ ଅନ୍ୟଜଣେ ବ୍ୟକ୍ତିକୁ, ଏପରିକି ଆଉଜଣେ ସରକାରୀ କର୍ମଚାରୀଙ୍କୁ ସରକାରଙ୍କ ଫାଇଲ୍‌ରେ ଥିବା ତଥ୍ୟ ଦେଇ ପାରିବେ ନାହିଁ । ଯଦି ଦିଅନ୍ତି, ତେବେ ସେ ଦଣ୍ଡିତ ହେବେ ।

ପ୍ରତି ରାଜନୈତିକ ଦଳ ଏହି ଔପନିବେଶିକ ଆଇନ୍‌ର ଉଚ୍ଛେଦ ଏବଂ ପ୍ରଶାସନିକ ସ୍ୱଚ୍ଛତା ସପକ୍ଷରେ ଅଙ୍ଗୀକାର ପ୍ରକାଶ କରୁଥିଲେ ହେଁ, ଠିକ୍ କ୍ଷମତାରେ ଥିବାବେଳେ ଏହାକୁ କାର୍ଯ୍ୟକାରୀ କରିବା ଦୂରର କଥା, ବରଂ ନିଜର ବିରୋଧୀ ମାନଙ୍କୁ ହଇରାଣ ହରକତରେ ପକାଇବା ପାଇଁ ଏହି ଆଇନ୍‌ର ଉପଯୋଗ କରିଥା'ନ୍ତି । ବର୍ତ୍ତମାନର ଜାତୀୟ ମେଣ୍ଟ ସରକାର ନିଜର ନିର୍ବାଚନ ଇସ୍ତାହାରରେ 'ସରକାରୀ ଗୋପନୀୟତା ଆଇନ୍'ର ଉଚ୍ଛେଦ ଏବଂ ସୂଚନାର ସ୍ୱାଧିନତା ଆଇନ୍‌ର ପ୍ରବର୍ତ୍ତନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ଏବଂ କ୍ଷମତାକୁ ଆସିବାପରେ ଗତବର୍ଷ ଜୁଲାଇ ୨୪ ରେ ସୂଚନାର ସ୍ୱାଧୀନତା ବିଲ୍ ୨୦୦୦ ପାର୍ଲାମେଣ୍ଟରେ ଆଗତ କରିଥିଲେ । କିନ୍ତୁ ବିନାକାରଣରେ ଏ ପର୍ଯ୍ୟନ୍ତ ଏହି ବିଲ୍‌ଟି ଅନାଲୋଚିତ ହୋଇ ପଡିରହିଛି । ଏହି ବିଲ୍‌ଟି ଗୃହୀତ ହୋଇଗଲେ ସୂଚନାର ସ୍ୱାଧୀନତା ଯେ ଆପେ ଆପେ ଆସିଯିବ, ତାହା ନୁହେଁ, କିନ୍ତୁ ପ୍ରଶାସନିକ ଗୋନୀୟତାର ଅବସାନ ଏବଂ ଏକ ନିର୍ମଳ ଓ ସ୍ୱଚ୍ଛ ପ୍ରଶାସନର ଉଦ୍ଭବ ଦିଗରେ ଏହି ଆଇନ୍ ଏକ ନିର୍ଣ୍ଣାୟକ ପଦକ୍ଷେପ ହେବ , ଏଥିରେ ସନ୍ଦେହ ନାହିଁ ।

## ସୂଚନାପ୍ରାପ୍ତିର ଅଧିକାର ଓ ଦେଶର ସୁଷମ ଏବଂ ଦ୍ରୁତ ଉନ୍ନୟନ

ସ୍ୱାଧୀନତାର ଦୀର୍ଘ ୫୪ ପର୍ଷ ପରେ ମଧ୍ୟ ଭାରତ ପୃଥିବୀର ଅନ୍ୟତମ ପଛୁଆ ଦେଶ ରୂପେ ପରିଗଣିତ । ଏହି ସମୟକାଳ ମଧ୍ୟରେ ଦେଶରେ ଏବଂ ଆମ ରାଜ୍ୟରେ ଯେ ଆଖିଦୃଶିଆ ଉନ୍ନୟନ ହୋଇନାହିଁ, ତାହାନୁହେଁ, କିନ୍ତୁ ଯେଉଁ ସବୁ ଉନ୍ନୟନ ଘଟିଛି, ସେଥି ମଧ୍ୟରୁ କେତକ କାର୍ଯ୍ୟକ୍ରମ ପରିବେଶର ଭାରସାମ୍ୟ ନଷ୍ଟ କରିଛି ତ ଆଉ କେତେକ କାର୍ଯ୍ୟକ୍ରମ 'ତେଲିଆ ମୁଣ୍ଡରେ ତେଲ' ନ୍ୟାୟରେ ସମାଜର ମୁଷ୍ଟିମେୟ ପ୍ରଭାବଶାଳୀ ଲୋକଙ୍କୁ ଆହୁରି ଅଧିକ ଧନୀ କରିଛି, ଅଥଚ ସଂଖ୍ୟାଧିକ ଲୋକେ ଉନ୍ନୟନର ସୁଫଳରୁ ବଞ୍ଚିତ ହୋଇ ଅତୀତ ଭଳି ଜୀବନ ଜୀବିକାର ମୌଳିକ ସମସ୍ୟାରେ ଘାରିହୋଇ ରହିଛନ୍ତି । ଏଭଳି ବିଷମ ଓ ଏକପାଖିଆ ଉନ୍ନୟନ ଘଟିବାର ମୁଖ୍ୟ କାରଣ ହେଲା, ସାଧାରଣ ଲୋକେ ଉନ୍ନୟନ ପ୍ରକ୍ରିୟାରେ ଯଥାର୍ଥ ଭାବେ ଭାଗ ନେଇ ନାହାନ୍ତି । ରାଜନୈତିକ ନେତାଙ୍କ ଭାଷଣ ଓ ପ୍ରଶାସନିକ ଦଲିଲ୍‌ରେ ଲୋକଙ୍କ ଭାଗିଦାରିତା ଉପରେ ଅଗ୍ରାଧିକାର ଦିଆଯାଉଥିଲେ ହେଁ, ବାସ୍ତବ କ୍ଷେତ୍ରରେ ଗୋପନୀୟତାର ସଂସ୍କୃତିରେ ଆଛନ୍ନ ଆମର ଅମଲାତନ୍ତ୍ର ସାଧାରଣ ଲୋକଙ୍କୁ ଉନ୍ନୟନ ପ୍ରକ୍ରିୟାରୁ ବିଛିନ୍ନ ରଖିବାରେ ସମର୍ଥ ହୋଇଛି । ରାଜସ୍ଥାନରେ ଶ୍ରୀମତୀ ଅରୁଣା ରାୟଙ୍କ ନେତୃତ୍ୱରେ ପରିଚାଳିତ 'ମଜଦୁର୍ କିଶାନ ଶକ୍ତି ସଂଗଠନ' ଦ୍ୱାରା ଘଟିଥିବା ଆନ୍ଦୋଳନରୁ ଜଣାପଡେ ଯେ, ସେହି ରାଜ୍ୟର ପଞ୍ଚାୟତ ସ୍ତରରେ ଯେଉଁସବୁ ଉନ୍ନୟନ କାର୍ଯକ୍ରମ ବ୍ଲକ୍ ପ୍ରଶାସନ ଦ୍ୱାରା ନିଆଯାଉଥିଲା, ସେ ସବୁ ସମ୍ବନ୍ଧରେ ଗ୍ରାମବାସୀ ମାନଙ୍କୁ କାର୍ଯ୍ୟକ୍ରମର ପୂର୍ବରୁ କିମ୍ବା ପରେ କୌଣସି ସୂଚନା ନ ଦେଇ ବ୍ଲକ୍ ପ୍ରଶାସନ ମନମୁଖୀ ଭାବେ କାର୍ଯ୍ୟକ୍ରମ ଗୁଡିକୁ କାର୍ଯ୍ୟକାରୀ କରୁଥିଲେ । କିନ୍ତୁ ସରକାରୀ କାଗଜ ପତ୍ରରେ ସବୁକିଛି ଆଇନ୍ ଅନୁମୋଦିତ ଢଙ୍ଗରେ ଚାଲିଛି ବୋଲି ଦର୍ଶାଇ ଚାଲୁଥିଲେ । କିନ୍ତୁ ବାସ୍ତବରେ ସରକାରୀ ଦଲିଲ୍‌ରେ ଦର୍ଶାଯାଇଥିବା କାର୍ଯ୍ୟକ୍ରମ ଗୁଡିକ ଭିତରୁ କେତେକ ମୋଟେ କାଯ୍ୟକାରୀ ହୋଇନଥିବା ସ୍ଥଳେ ଆଉ କେତେକ କାର୍ଯ୍ୟକ୍ରମ ଅଧପନ୍ତରିଆ ଭାବେ କାର୍ଯ୍ୟକାରୀ ହୋଇଥିଲା । ଗ୍ରାମବାସୀମାନେ ଏକାଠି ହୋଇ ଏହି ସରକାରୀ କାର୍ଯ୍ୟକ୍ରମ ଗୁଡିକ ସମ୍ବନ୍ଧରେ ବ୍ଲକ୍ ପ୍ରଶାସନ ଠାରୁ ସୂଚନା ଚାହିଁଲେ । କିନ୍ତୁ ସଂପୃକ୍ତ ଅଧିକାରୀ ଓ କର୍ମଚାରୀମାନେ କୌଣସି ସୂଚନା ଦେବାକୁ ରୋକ୍‌ଠୋକ୍ ମନା କରିଦେଲେ । ଗ୍ରାମବାସୀ ମାନେ ଏକଜୁଟ୍ ହୋଇ ପ୍ରଶାସନ ଠାରୁ ସୂଚନା ପ୍ରାପ୍ତିର ଅଧିକାର ପାଇଁ ଆନ୍ଦୋଳନ କଲେ । ପରିଶେଷରେ ଉଚ୍ଚ ପ୍ରଶାସନର ହସ୍ତକ୍ଷେପ ଯୋଗୁଁ ବ୍ଲକ୍ କର୍ତ୍ତୃପକ୍ଷ ଆଂଶିକ ତଥ୍ୟ ଦେବାପାଇଁ ବାଧ୍ୟ ହେଲେ । 'ଜନ୍ ଶୁନଓ୍ୱାଇ' ବା ଜନତା ଦରବାରରେ ଉପସ୍ଥାପିତ ଏହି ଆଂଶିକ ତଥ୍ୟରୁ ବହୁ ଚାଞ୍ଚଲ୍ୟକର କଥା ଶୁଣିବାକୁ ମିଳିଲା । ୧୫/୨୦ ବର୍ଷ ତଳେ ମୃତ୍ୟୁବରଣ କରିଥିବା କେତେକ ଗ୍ରାମବାସୀଙ୍କୁ ସରକାରୀ ହାରରେ ସଂପୂର୍ଣ୍ଣ ମଜୁରୀ ଦିଆଯାଇ ସେମାନଙ୍କୁ ନିକଟ ଅତୀତରେ ଅନୁଷ୍ଠିତ ଉନ୍ନୟନ କାର୍ଯ୍ୟକ୍ରମରେ ସାମିଲ୍ କରାଯାଇଛି ବୋଲି ସେହି ସରକାରୀ ଖାତାରେ ଉଲ୍ଲେଖ ଥିଲା । ବିଦେଶରେ ରହୁଥିବା ବା କାମ କରିବାକୁ ପୁରାପୁରି ଅକ୍ଷମ ଲୋକମାନଙ୍କୁ ମଧ୍ୟ ସମ୍ପୂର୍ଣ୍ଣ ସରକାରୀ ମଜୁରୀ ଦିଆଯାଇଛି ବୋଲି ସେହି ତଥ୍ୟରୁ ସୂଚନା ମିଳିଲା । ପୁଣି ମଜୁରୀ ଖଟିଥିବା ଗ୍ରାମବାସୀମାନଙ୍କୁ ପଚାରିବାରୁ ସେମାନେ ଯେତିକି ମଜୁରୀ ପାଇଛନ୍ତି ବୋଲି କହିଲେ , ତାହା ସରକାରୀ ନଥିରେ ଦର୍ଶାଯାଇଥିବା ମଜୁରୀଠାରୁ ଯଥେଷ୍ଟ କମ୍ । ଲୋକଙ୍କ ଉନ୍ନୟନ ପାଇଁ ବିଭିନ୍ନ ସୂତ୍ରରୁ ପ୍ରଶାସନ ନିକଟକୁ ଆସୁଥିବା ବିପୁଳ ଅର୍ଥ ଓ ସମ୍ବଳର ସିଂହ ଭାଗ କିପରି ହରିଲୁଟ୍ ହୋଇଚାଲିଛି ଏବଂ ଲୋକଙ୍କୁ ସରକାରୀ ଗୋପନୀୟତାର ଆଇନ୍ ଦ୍ୱାହିରେ କିପରି ସମ୍ପୂର୍ଣ୍ଣ

ଅନ୍ଧକାରରେ ରଖାଯାଇଉଛି , ରାଜସ୍ଥାନର ଉପରୋକ୍ତ ଘଟଣା ଦେଶରେ ଘଟୁଥିବା ହଜାର ହଜାର ଏତାଦୃଶ ଘଟଣା ମଧ୍ୟରୁ ଗୋଟିଏ ଦୃଷ୍ଟାନ୍ତ ମାତ୍ର । ସେହିପରି ଓଡିଶାର ରାୟଗଡା ଜିଲ୍ଲାରେ ସ୍ଥାନୀୟ ଆଦିବାସୀମାନଙ୍କୁ ଯଥାର୍ଥ ସୂଚନା ନଦେଇ ସେମାନଙ୍କର ଜମି ଅଧିଗ୍ରହଣ କରିବା ଦ୍ୱାରା ଯେଉଁ ଆଇନ୍ ଶୃଙ୍ଖଳା ପରିସ୍ଥିତି ଘଟିଲା ଏବଂ ପରିଶେଷରେ କେତେକ ଆଦିବାସୀଙ୍କର ପୋଲିସ୍ ଗୁଳିରେ ପ୍ରାଣଗଲା , ସେ ବିଷୟରେ ସମସ୍ତେ ଅଳ୍ପେ ବହୁତ ଅବଗତ । ସଂପୃକ୍ତ ଆଦିବାସୀ ଇଲାକା ସମ୍ବିଧାନର ପଞ୍ଚମ ତଫସିଲ୍ ଭୁକ୍ତ ଅଞ୍ଚଳ ହୋଇଥିବା ସତ୍ତ୍ୱେ ଏବଂ ଆଇନ୍ ଅନୁଯାୟୀ ସ୍ଥାନୀୟ ବାସିନ୍ଦାଙ୍କର ସର୍ବସମ୍ମତି ବିନା ଜମି ଅଧିଗ୍ରହଣ ସଂପୂର୍ଣ୍ଣ ନିଷିଦ୍ଧ ହୋଇଥିବା ବେଳେ, କତିପୟ ପ୍ରଶାସକ ଓ ରାଜନେତାଙ୍କ ସହ ବିଦେଶୀ ଓ ଦେଶୀ କମ୍ପାନୀ ମାନଙ୍କ ଅସାଧୁ ମେଣ୍ଟ ସ୍ଥାନୀୟ ଆଦିବାସୀ ଓ ସାଧାରଣ ଲୋକଙ୍କୁ ସଂପୂର୍ଣ୍ଣ ଅଜ୍ଞାନରେ ରଖି ଲୋକଙ୍କ ଜମି ବେଆଇନ୍ ଭାବେ ଅଧିଗ୍ରହଣ କରିବା ଦ୍ୱାରା ଯେ , ଏଭଳି ଅପ୍ରୀତିକର ଓ ଜଘନ୍ୟ କାଣ୍ଡ ଘଟିଲା , ଏଥିରେ ସନ୍ଦେହ ନାହିଁ ।ସର୍ବସାଧାରଣଙ୍କୁ ଯେ କୌଣସି ନୂତନ ପ୍ରକଳ୍ପ ସମ୍ବନ୍ଧରେ ପର୍ଯ୍ୟାପ୍ତ ସୂଚନା ଦେବାର ପ୍ରଶାସନିକ ବ୍ୟବସ୍ଥା ଏବଂ ଲୋକଙ୍କର ସୂଚନା ପାଇବାର ଅଧିକାର ସୁନିଶ୍ଚିତ ନ ହେବା ଯାଏ ଏଭଳି ଅଘଟଣମାନ ଦେଶର ସବୁଆଡେ ଘଟିଚାଲିବ , ଏଥିରେ ସନ୍ଦେହ ନାହିଁ । ଆଉ ଏକ ଦୃଷ୍ଟାନ୍ତ ହେଉଛି , ପାରାଦୀପଠାରେ ଅଧୁନା ପ୍ରତିଷ୍ଠିତ ଓସ୍‌ୱାଲ୍ କମ୍ପାନୀର ରାସାୟନିକ ସାର କାରଖାନା , ଯେଉଁଥିରୁ କି ବିଷାକ୍ତ ବର୍ଜ୍ୟ ବସ୍ତୁ ଓ ବାଷ୍ପ ନିର୍ଗତ ହୋଇ ଚତୁର୍ପାର୍ଶ୍ୱର ପରିବେଶ , ଜୀବଜନ୍ତୁ , ମତ୍ସ୍ୟ ସମ୍ପଦ ସମେତ ସ୍ଥାନୀୟ ଅଧିବାସୀଙ୍କ ସ୍ୱାସ୍ଥ୍ୟକୁ ଗୁରୁତର ଭାବେ ଆକ୍ରାନ୍ତ କରି ଚାଲିଛି । ସ୍ଥାନୀୟ ଲୋକଙ୍କ ବାରମ୍ବାର ପ୍ରତିବାଦ ଓ ଏପରିକି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆପତ୍ତି ସତ୍ତ୍ୱେ ଏହି କାରଖାନା କିପରି ଚାଲୁ ରହିଛି , ତାହା ଲୋକେ ଜାଣିବାକୁ ଚାହିଁଲେ ବି ସ୍ଥାନୀୟ ପ୍ରଶାସନ ଏ ସମ୍ବନ୍ଧରେ ନୀରବ । ପ୍ରଶାସନର ଏତାଦୃଶ ଅସ୍ୱସ୍ତିକର ନିରାପତ୍ତା ନିକଟ ଭବିଷ୍ୟତରେ ଏକ ଜନ ବିସ୍ଫୋରଣର ରୂପ ନେବ , ଏହା ଏକ ସ୍ୱାଭାବିକ ଆଶଙ୍କା ।

## ସୂଚନାପ୍ରାପ୍ତିର ଅଧିକାର ଆଇନରେ ବିଧିବ୍ୟବସ୍ଥା

ସମସ୍ତ ଉନ୍ନତ ଦେଶ ସମେତ କେତେକ ବିକାଶଶୀଳ ଦେଶରେ ଏହି ଆଇନ୍ ଲାଗୁ ହୋଇ ସାରିଲାଣି । କେଉଁଠି ଏହାକୁ 'ସୂଚନାର ସ୍ୱାଧିନତା ଆଇନ୍' ବୋଲି କୁହାଯାଏ ତ , ପୁଣି କେଉଁଠି 'ସୂଚନାର ଅଧିକାର ଆଇନ୍' , ଓ ପୁଣି ଆଉ କେଉଁଠି 'ଜାଣିବାର ଅଧିକାର ଆଇନ୍' । ପୁଣି ଆଉ କେତେକ ଦେଶରେ ଏଭଳି ଶିରୋନାମାରେ ଏକ ସିଧାସଳଖ ଆଇନ୍ ନ ଥିଲେହେଁ ସେଠିକାର ବାସ୍ତବ ପରିସ୍ଥିତି ସୂଚନାର ମୁକ୍ତ ଓ ଅବାଧ ସରବରାହ ପ୍ରତି ଅନୁକୂଳ । ସେସବୁ ଦେଶରେ ବଞ୍ଚିବାର ଅଧିକାର ତଥା କହିବା ଓ ମତ ପ୍ରକାଶ କରିବାର ସ୍ୱାଧିନତା, ଯାହାକି ନାଗରିକର ଏକ ମୌଳିକ ଅଧିକାର ଭାବେ ସ୍ୱୀକୃତ , ତହିଁ ମଧ୍ୟରେ ସୂଚନାର ଅଧିକାର ବା ଜାଣିବାର ଅଧିକାର ନିହିତ ବୋଲି ମନେ କରାହୁଏ । ଆମ ଦେଶରେ ମାନ୍ୟବର ସୁପ୍ରିମ୍ କୋର୍ଟ ତାଙ୍କର ଅନେକ ରାୟରେ ମଧ୍ୟ ଏତାଦୃଶ ଢ଼ଙ୍ଗରେ ଜଣେ ନାଗରିକର 'ଜାଣିବାର ଅଧିକାର'କୁ ସାବ୍ୟସ୍ତ କରିଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟ ସୂଚନାର ଅଧିକାର ସପକ୍ଷରେ ବାରମ୍ବାର ଗୁରୁତ୍ୱ ଦେଇଥିଲେ ହେଁ , ଔପନିବେଶିକ ଅମଳରୁ ଚଳିଆସିଥିବା ସରକାରୀ ଗୋପନୀୟତାର ଆଇନ୍, ପ୍ରଥା ଓ ସଂସ୍କୃତି ଆମ ଅମଲାତନ୍ତ୍ରର ଏତେ ଅସ୍ଥି ମଜ୍ଜାଗତ ହୋଇଯାଇଛି ଯେ , ଏ ଦେଶରେ ସାଧାରଣ ଲୋକଙ୍କୁ ସୂଚନାର ଅଧିକାର ଦେବାପାଇଁ ଉଭୟ ଜାତୀୟ ଓ ପ୍ରାଦେଶିକ ସ୍ତରରେ ସ୍ୱତନ୍ତ୍ର ସ୍ୱତନ୍ତ୍ର ଆଇନ୍‌ମାନ କରିବାକୁ ପଡୁଛି ।

ଆମ ଦେଶରେ ଏ ପର୍ଯ୍ୟନ୍ତ ୭ଟି ପ୍ରଦେଶରେ ସୂଚନା ପ୍ରାପ୍ତିର ଅଧିକାର ପାଇଁ ଯେଉଁସବୁ ଆଇନ୍‌ମାନ ଗୃହୀତ ହୋଇଛି, ସେଗୁଡିକ କେତେକ କ୍ଷେତ୍ରରେ ପରସ୍ପରଠାରୁ ଭିନ୍ନ ହୋଇଥିଲେହେଁ , ସେଗୁଡିକର ମୌଳିକ ନିର୍ଯ୍ୟାସ ହେଲା , ପ୍ରଶାସନ ଠାରୁ ପ୍ରତ୍ୟେକ ନାଗରିକର ଜାଣିବାର ଅଧିକାର ଅଛି ଓ ସଂପୃକ୍ତ ପ୍ରଶାସନିକ ଅଧିକାରୀଙ୍କ ପକ୍ଷେ ନାଗରିକଙ୍କୁ ଆବଶ୍ୟକୀୟ ସୂଚନା ଦେବାର କର୍ତ୍ତବ୍ୟ ରହିଛି । ଦେଶର ଅଖଣ୍ଡତା , ସାର୍ବଭୌମତ୍ୱ , ନିରାପତ୍ତା ଓ ବୈଦେଶିକ ସମ୍ପର୍କ ଇତ୍ୟାଦି କେତେକ କେତେକ ଜାତୀୟ ସ୍ୱାର୍ଥକୁ ବ୍ୟାହତ ନକରୁଥିବା ଯେ କୌଣସି ବ୍ୟାପାରରେ ନାଗରିକ ମାନଙ୍କୁ ସରକାରୀ ପ୍ରଶାସନ ଦ୍ୱାରା ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆବଶ୍ୟକୀୟ ସୂଚନା ପ୍ରଦାନ ପାଇଁ ଏହି ପ୍ରାଦେଶିକ ଆଇନ୍ ଗୁଡିକରେ ବ୍ୟବସ୍ଥା ରହିଛି । ଗୋଆର ସୂଚନା ଅଧିକାର ଆଇନ୍ ୧୯୯୭ ରେ ବ୍ୟବସ୍ଥା ରହିଛି ଯେ , ସଂପୃକ୍ତ ପ୍ରଶାସନିକ ଅଧିକାରୀ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆବେଦନକାରୀଙ୍କୁ ଆବଶ୍ୟକୀୟ ସୂଚନା ନଦେଇ ପାରିଲେ , ପ୍ରତିଦିନର ବିଳମ୍ବ ପାଇଁ ତାଙ୍କ ପାଖରୁ ଶହେ ଟଙ୍କା ଲେଖା ଜୋରିମାନା ଆଦାୟ କରାଯିବ । ଏହାଛଡା ସଂପୃକ୍ତ ପ୍ରଶାସନିକ ଅଧିକାରୀ ଯଦି ଇଚ୍ଛାକୃତ ଭାବେ ଭୁଲ୍ ତଥ୍ୟ ଦେଇଥା'ନ୍ତି, ତେବେ ଉଚ୍ଚତର କର୍ତ୍ତୃପକ୍ଷଙ୍କ ଦ୍ୱାରା ସେମାନଙ୍କ ଉପରେ ଅନ୍ୟାନ୍ୟ ଦଣ୍ଡ ବିଧାନର

ବ୍ୟବସ୍ଥା କରାଯିବ ।

ସୂଚନା ଅଧିକାର ପାଇଁ ପ୍ରବର୍ତ୍ତିତ ପ୍ରାଦେଶିକ ଆଇନ୍ ଗୁଡିକରେ ସୂଚନା ପାଇଁ ଆବେଦନ କରିବାର ଫର୍ମ ତିଆରି କରାଯାଇଛି , ଯାହାକୁ ପୂରଣ କରି ଜଣେ ନାଗରିକ ଆବଶ୍ୟକୀୟ ପ୍ରସେସିଙ୍ଗ୍ ଫି ସହିତ ସଂପୃକ୍ତ ପ୍ରଶାସନିକ ଅଧିକାରୀଙ୍କ ପାଖରେ ଦାଖଲ କରିବେ ଏବଂ ତାଙ୍କ ଠାରୁ ଏହି ଆବେଦନ ପ୍ରାପ୍ତିର ରସିଦ୍ ମଧ୍ୟ ସଂଗ୍ରହ କରିବେ । ପୁନଶ୍ଚ ସୂଚନା ବୋଇଲେ କେବଳ ମୁଦ୍ରିତ ବା ହାତ ଲେଖାର ତଥ୍ୟକୁ ବୁଝାଏ ନାହିଁ । ଏହା ଏକ ଦରମା ରେଜିଷ୍ଟରର ସଂପୂର୍ଣ୍ଣ ବା ଆଂଶିକ ନକଲ , ଏକ କମ୍ପୁଟର ଫ୍ଲପି , ବା ସି.ଡି.ରୋମ୍ ହୋଇପାରେ । ଏପରି ଏକ ଦଲିଲ୍‌ର ନକଲ ପାଇଁ ଯେତିକି ନ୍ୟୁନତମ ଖର୍ଚ୍ଚ ଦରକାର, ସେତିକି ପରିମାଣର ପ୍ରସେସିଙ୍ଗ୍ ଫି ଆବେଦନକାରୀଙ୍କୁ ଦେବାକୁ ପଡିବ । ଆମ ଦେଶରେ ବହୁଲୋକ ଲେଖା ପଢ଼ା ଜାଣିନଥିବା ଦୃଷ୍ଟିରୁ କେହି ଆବେଦନକାରୀ ମୌଖିକ ଭାବେ ଆବେଦନ କଲେ, ସଂପୃକ୍ତ ପ୍ରଶାସନିକ ଅଧିକାରୀ ନିଜେ ସଯତ୍ନରେ ଏହାକୁ ଲିପିବଦ୍ଧ କରି ଆବେଦନ ଭାବେ ଗ୍ରହଣ କରିପାରିବେ ।

ପୁଣି କେତେକ ପ୍ରାଦେଶିକ ଆଇନ୍‌ରେ ବ୍ୟବସ୍ଥା ରହିଛି ଯେ , କେତେକ ଗୁରୁତ୍ୱପୂର୍ଣ୍ଣ ବ୍ୟାପାରରେ ଯଥା, ଏକ ନୂତନ ପ୍ରକଳ୍ପର ଯୋଜନା , ପ୍ରାକୃତିକ ବିପର୍ଯ୍ୟୟର ପ୍ରତିକାର ଓ ପ୍ରଶମନ, ଅନୁସୁଚିତ ଜାତି ଓ ଉପଜାତି ପାଇଁ ଉପଲବ୍ଧ ସମ୍ବଳର ଆୟବ୍ୟୟ ହିସାବ ଇତ୍ୟାଦି ବିଷୟରେ ସରକାର ନିଜ ତରଫରୁ ଆପେ ଆପେ ଲୋକମାନଙ୍କୁ ଆବଶ୍ୟକୀୟ ଓ ସବିଶେଷ ସୂଚନା ପ୍ରଦାନ କରିବେ ।

ପ୍ରଶ୍ନ ଉଠିପାରେ, ଯଦି ଜଣେ ଅଧିକାରୀ ଜାଣିଶୁଣି ଭୁଲ୍ ବା ଅପ୍ରାସଙ୍ଗିକ ସୂଚନା ଦିଅନ୍ତି, କଣ କରାଯିବ ? ଏପରିସ୍ଥଳେ ଗୋଟିଏ ସ୍ୱତନ୍ତ୍ର ନିରପେକ୍ଷ ସଂସ୍ଥା ହାତରେ ସେଭଳି ମନ୍ଦାଭିଳାଷୀ ଅଧିକାରୀଙ୍କୁ ଦଣ୍ଡବିଧାନ କରିବାର କ୍ଷମତା ନ୍ୟସ୍ତ କରାଯିବା ଦରକାର । ପୁନଶ୍ଚ ଆଉ ଗୋଟିଏ ବଡ ସମସ୍ୟା ହେଉଛି, ଆମେ ବର୍ତ୍ତମାନ କମ୍ପ୍ୟୁଟର ଓ ଇଣ୍ଟରନେଟ ଯୁଗମଧ୍ୟଦେଇ ଗତିକରୁଥିବା ବେଳେ, ଆମର ଅମଲାତନ୍ତ୍ର ପାଖରେ ତଥ୍ୟ ସଂଗ୍ରହ, ସଂରକ୍ଷଣ ଓ ବିତରଣ କରିବାର କୌଣସି ସୁନିର୍ଦ୍ଦିଷ୍ଟ ବୈଜ୍ଞାନିକ ପଦ୍ଧତି ନାହିଁ । ପ୍ରଶାସନ ତଥ୍ୟ ଦେବା ପାଇଁ ଅସମର୍ଥ ଥିବା ବେଳେ, ଲୋକମାନଙ୍କୁ ତଥ୍ୟ ପାଇବାର ଅଧିକାର ଦେଇଦେଲେ କଣ ହେବ ? ସୁତରାଂ ଗୋଆର ପ୍ରାଦେଶିକ ଆଇନରେ ବ୍ୟବସ୍ଥା ରହିଛିଯେ, ଉଭୟ ସରକାରୀ ଓ ବେସରକାରୀ ପ୍ରତିନିଧିଙ୍କୁ ନେଇ ଏକ ସ୍ୱୟଂଶାସିତ ସଂସ୍ଥା ଗଢାଯିବ, ଯେକି ସରକାରୀ ଦପ୍ତର ମାନଙ୍କରେ ଅତ୍ୟାଧୁନିକ ଉପାୟରେ ତଥ୍ୟ ସଂକଳନ ଓ ସରବରାହକୁ ତଦାରଖ କରିବା ସହିତ ନୂତନ ଆଇନ୍‌କୁ ବାସ୍ତବରେ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକୀୟ ପ୍ରଶାସନିକ ସଂସ୍କାର ପାଇଁ ପରାମର୍ଶ ଦେବେ ।

## ଆଜିର ଆହ୍ୱାନ-

ଓଡିଶା ଭଳି ପଛୁଆ ରାଜ୍ୟ, ଯେଉଁଠି ଶତକଡା ପ୍ରାୟ ୩୫ ଭାଗ ଲୋକ ଦଳିତ ସମ୍ପ୍ରଦାୟର ଏବଂ ସଂଖ୍ୟାଧିକ ଲୋକ ପଛୁଆ ଜାତିର. ଏଠାରେ ସୂଚନା ଅଧିକାର ଆଇନ୍‌ର ପ୍ରବର୍ତ୍ତନ ନିହାତି ଜରୁରୀ ହୋଇ ପଡିଛି । କାରଣ ଆଦିବାସୀ, ହରିଜନ ଓ ଅନ୍ୟାନ୍ୟ ପଛୁଆ ଜାତିର ଲୋକମାନଙ୍କ ନାଁରେ ଏଠାକୁ ଦେଶ ବିଦେଶରୁ ବିପୁଳ ଅର୍ଥ ଓ ସମ୍ବଳ ଆସୁଛି ଏବଂ ସେ ସବୁର ଯଥାର୍ଥ ବିନିଯୋଗ ହେଉଛି ବୋଲି ସରକାରୀ ନଥିପତ୍ରରେ ଦର୍ଶାଯାଉଛି । କ୍ରମାଗତ ମରୁଡି, ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ପ୍ରଶମନ ଓ ରିଲିଫ୍ ଏବଂ ଅଇଥାନ କାର୍ଯ୍ୟକ୍ରମ ବାବଦରେ ମଧ୍ୟ ବିପୁଳ ପରିମାଣର ଅନୁଦାନ, ଋଣ ଓ ସାହାଯ୍ୟ ଆସୁଛି । କିନ୍ତୁ ଏ ସବୁ ସତ୍ତ୍ୱେ ଦାରିଦ୍ର୍ୟ ଓ ଅନଗ୍ରସରତା ମାନଚିତ୍ରରେ ଓଡିଶାର ଯେଉଁ ନିକୃଷ୍ଟ ସ୍ଥାନ ପୂର୍ବେ ଥିଲା, ତହିଁରେ କୌଣସି ପରିବର୍ତ୍ତନ ଦେଖାଯାଉନି । ଏହାର ମୁଖ୍ୟ କାରଣ. ଉପଲବ୍ଧ ଅର୍ଥ ଓ ସମ୍ବଳର ସିଂହଭାବ ସ୍ୱାର୍ଥାନ୍ୱେଷୀ ରାଜନେତା, ପ୍ରଶାସକ ଓ ବ୍ୟବସାୟୀ ମାନଙ୍କର ଅସାଧୁ ମେଣ୍ଟ ଦ୍ୱାରା ବାଟମାରଣା । ଏବଂ ଏହି ବାଟ ମାରଣା ସମ୍ଭବପର ହୋଇପାରୁଛି ସରକାରୀ ଓ ପ୍ରଶାସନିକ ସ୍ତରରେ ଗୋପନୀୟତାର ପ୍ରଥା ଓ ବାତାବରଣ ଯୋଗୁଁ । ସୁତରାଂ ପଛୁଆ ଓଡିଶା ଓ ଏହାର ସଂଖ୍ୟାଧିକ ଦରିଦ୍ର ଓ ଦଳିତ ଜନସାଧାରଣଙ୍କ ଯଥାର୍ଥ, ଦ୍ରୁତ ଓ ସର୍ବାଙ୍ଗୀନ ବିକାଶ ନିର୍ଭର କରୁଛି, ସର୍ବସାଧାରଣଙ୍କ ସମ୍ମୁଖରେ ପ୍ରଶାସନର ସ୍ୱଚ୍ଛତା ଉପରେ । ରାଜ୍ୟର ପ୍ରଶାସନରେ ସ୍ୱଚ୍ଛତା ଆଣିବା ଦିଗରେ ଦେଶର ଅନ୍ୟ ୭ଟି ରାଜ୍ୟ ଭଳି ଆମ ଓଡିଶାରେ ସୂଚନା ପ୍ରାପ୍ତିର ଅଧିକାରକୁ ଆଇନରେ ପରିଣତ କରିବା ହେବ ଏକ ପ୍ରଥମ ବଳିଷ୍ଠ ପଦକ୍ଷେପ ।

ଚିତ୍ତ ରଂଜନ ବେହେରା
ଜୁବୁଲି ଟାୱାର, ଚୌଧୁରୀ ବଜାର, କଟକ-୯ , ଓଡ଼ିଶା
ଫୋନ୍ – ୦୬୭୧-୬୨୩୫୧୮ **Email : chittabehera@rediffmail.com**

**Chitta Ranjan Behera**
**4A , Jubilee Tower, Choudhury Bazar,**
**CUTTACK-753 009, ORISSA**
PH: 0671-623518 **Email : chittabehera@rediffmail.com**